ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୧୭

# ଚିନ୍ତାଜନକ ସ୍ଥିତିରେ ଅଧାରୁ ପାଠଛାଡ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏଥିରେ ସନ୍ଦେହ ନାହିଁ ଯେ, ଦେଶରେ ଶିକ୍ଷାର ବିକାଶ ଲାଗି ତଥା ସମସ୍ତଙ୍କୁ ଶିକ୍ଷିତ କରାଇବା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏଥିଲାଗି ୩ ବର୍ଷରୁ ୧୪ବର୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା ବାଧ୍ୟତାମୂଳକ ହୋଇଛି । ସେହିପରି ଶିଶୁଙ୍କ ବୌଦ୍ଧିକ ବିକାଶ ଲାଗି ଏବେ ବାଲବାଟିକା ଶିକ୍ଷା ବ୍ୟବସ୍ଥା ଆରମ୍ଭ ହୋଇଛି । ନିକଟରେ ସାମୁହିକ ଭାବେ ମହାଆଡମ୍ବରରେ ଶିଶୁଙ୍କୁ ଖଡି ଛୁଆଁ ଅଭିଯାନ ଅନୁଷ୍ଠିତ ହୋଇଥିବାବେଳେ ଅଭିଭାବକ ଓ ପିଲାମାନଙ୍କ ସଚେତନ କରାଇବା ଲାଗି ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ ହୋଇଛି । ସଭା, ସମିତି, ଶୋଭାଯାତ୍ରା ଦ୍ୱାରା ବ୍ୟାପକ ସଚେତନତା ସୃଷ୍ଟି ଏହାର ମୁଖ୍ୟ ଲକ୍ଷ୍ୟ । ଆହୁରି ମଧ୍ୟ ସମସ୍ତଙ୍କୁ ବାଧ୍ୟତାମୂଳକ ଶିକ୍ଷାକୁ ମୌଳିକ ଅଧିକାର ଭୁକ୍ତ କରାଯାଇଛି । ଏହା ସତ୍ତ୍ୱେ ଦେଶରେ ଅଧାରୁ ପାଠ ଛାଡ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ପହଁଚିଛି । ଲୋକସଭାରେ ସରକାର ଦେଇଥିବା ସୂଚନା ଅନୁଯାୟୀ ଦେଶରେ ୧କୋଟି ୧୭ଲକ୍ଷ ପିଲା ସ୍କୁଲ ବାହାରେ ଅଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ଶତପ୍ରତିଶତ ନାମ ଲେଖା (ଏନରୋଲମେଂଟ) ପାଇଁ ଜାତୀୟ ଶିକ୍ଷା ନୀତିରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ବିଶେଷ କରି ଭାରତରେ ଏହା ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ତେବେ କେବଳ ଭାରତ ନୁହେଁ, ବିଶ୍ୱର ବିକାଶମୁଖୀ ରାଷ୍ଟ୍ରଗୁଡିକରେ ଅଧାରୁ ପାଠ ଛାଡିବା, ସ୍କୁଲ ବାହାରେ ରହିବା ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ଜୀବନ ଜୀବିକା ତଥା କାମ କରିବା ପାଇଁ କିମ୍ବା ଅନାଗ୍ରହ ଯୋଗୁଁ ଅଧାରୁ ପାଠ ଛାଡ ପିଲାଙ୍କ ସଂଖ୍ୟା ବଢୁଛି ବୋଲି ୟୁନେସ୍କୋର ଆନ୍ତର୍ଜାତିକ ଶିକ୍ଷା ତଦାରଖ ରିପୋର୍ଟ (ଜିଇଏମଆର) ୨୦୨୫ ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱବ୍ୟାପୀ ୨୭୨ ମିଲିଅନରୁ ଅଧିକ ପିଲା ସ୍କୁଲ ବାହାରେ ଅଛନ୍ତି, ଯାହାକି ଅତ୍ୟନ୍ତ ଚିନ୍ତାଜନକ । ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୧୧ପ୍ରତିଶତ ପିଲା ସ୍କୁଲ ବାହାରେ ରହିଥିବା ବେଳେ ନିମ୍ନ ମାଧ୍ୟମିକ ସ୍ତରରେ ୧୫ପ୍ରତିଶତ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ୩୧ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ସ୍କୁଲ ଛାଡୁଛନ୍ତି । କାମଧନ୍ଦା ତଥା ରୋଜଗାର ପାଇଁ ଉଚ୍ଚମାଧ୍ୟମିକ ସ୍ତରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ସ୍କୁଲ ଛାଡୁଥିବା ରିପୋର୍ଟ ଦର୍ଶାଇଛି । ସେହିପରି ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ଜାତିଗତ ଦଙ୍ଗା, ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଲଢେଇ ଯୋଗୁଁ ବୈଶ୍ୱିକ ସ୍ତରରେ ଅଧାରୁ ପାଠ ଛାଡ ଏବେ ଏକ ସମସ୍ୟା ଭାବେ ଦଣ୍ଡାୟମାନ ହୋଇଥିବା କୁହାଯାଏ । ଆମ ଦେଶରେ ମହାମାରୀ କୋରୋନା ପରେ ବହୁ ଛାତ୍ରଛାତ୍ରୀ ଆଉ ସ୍କୁଲକୁ ଫେରିନଥିଲେ । ଏଥିପାଇଁ ବିଭିନ୍ନ କାରଣ ଦାୟୀ । ବିଶେଷ କରି ଡିଜିଟାଲ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବାରେ ଅକ୍ଷମତା, କୋରୋନାରେ ଜୀବନ ଜୀବିକା ହରାଇଥିବା ପରିବାରକୁ ସହାୟତା କରିବା ପାଇଁ ଏବଂ କୋରୋନାରେ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇବା ଆଦି ଘଟଣା ଯୋଗୁଁ ବହୁ ଛାତ୍ରୀଛାତ୍ରୀ ଆଉ ସ୍କୁଲକୁ ଫେରିବାକୁ ମନ ବଳାଇନଥିଲେ, ଯାହାକି ଅଧାରୁ ପାଠ ଛାଡ ଛାତ୍ରୀଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢାଇ ଦେଇଥିଲେ । ସାଂପ୍ରତିକ ଡିଜିଟାଲ ଯୁଗରେ ଶିକ୍ଷା ହିଁ ବିକାଶର ମାଧ୍ୟମ । ଯେଉଁ ଦେଶ ଯେତେ ଶିକ୍ଷାରେ ବିକଶିତ, ସେହି ଦେଶ ସେତେ ପ୍ରଗତିଶୀଳ, ଶିକ୍ଷାର ଉନ୍ନତି ପାଇଁ ସରକାର ବହୁବିଧ ଯୋଜନା କରିଥିବା ସତ୍ତ୍ୱେ ଅଧାରୁ ପାଠ ଛାଡ ଏବେ ଦେଶ ସମ୍ମୁଖରେ କେବଳ ବଡ ସମସ୍ୟା ଭାବେ ଠିଆ ହୋଇନାହିଁ, ଏହାର ମୁକାବିଲା ଗୁରୁତର ସମସ୍ୟା ସୃଷ୍ଟି କରିଛି । ଏହାର ମୁକାବିଲା ପାଇଁ ସରକାର ଏବଂ ନୀତି ନିର୍ଦ୍ଧାରକମାନେ ଚିନ୍ତା କରିବାର ସମୟ ଏବେ ଉପନୀତ ହୋଇଛି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ବାଣପୁରର ଭଗବତୀ


କିଶୋର କୁମାର ଜେନା

'ଯେଉଁ ବାଣପୁର ନୃପପରସାଦେ ଦେଖିଲେ ସକଳ ଜନେ ହେ ସୁଜନେ....'

'ସୃଷ୍ଟୌ ଯା ସର୍ଗରୂପା ଜଗଦବନବିଧୌ ପାଳନୀ ଯା ଚ ରୌଦ୍ରୀ, ସଂହାରେ ଚାପି ଯସ୍ୟା ଜଗଦିଦମଖିଳଂ କ୍ରୀଡ଼ନଂ ଯା ପରାଖ୍ୟା, ପଶ୍ୟନ୍ତୀ ମଧ୍ୟମାଽଥୋ ତଦନୁ ଭଗବତୀ ବୈଖରୀ ବର୍ଣ୍ଣରୂପା, ସାଽସ୍ମଦ୍ୱାଚଂ ପ୍ରସନ୍ନା ବିଧିହରିଗିରିଶାଽଽରାଧିତାଽଲଙ୍କରୋତୁ ।' ମା'ଭଗବତୀ ହେଉଛନ୍ତି ଆଦ୍ୟାଶକ୍ତି ଓ ମହାଶକ୍ତି । ଝଙ୍କଡ଼ରେ ସାରଳା, କଟକରେ କଟକଚଣ୍ଡୀ, ଯାଜପୁରରେ ବିରାଜ, କାକଟପୁରରେ ମଙ୍ଗଳା, ସମ୍ବଲପୁରରେ ସମଲାଇ ଓ ବାଣପୁରରେ ମା'ଭଗବତୀ ନାମ ଗ୍ରହଣ କରି ବିଭିନ୍ନ ରୂପରେ ଆବହମାନ ସମୟରୁ ଶକ୍ତିପୂଜା ହୋଇ ଆସୁଅଛି । ବାଣପୁରର ଶାଳିଆ ନଦୀ କୂଳରେ ମା'ଭଗବତୀଙ୍କ ମନ୍ଦିର ରହିଛି । କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ମନ୍ଦିରଟି ତିନିଶହ ବର୍ଷ ତଳର । ବାଣାସୁର ମା'ଙ୍କୁ ପୂଜା ଆରାଧନା କରି କୃପା ପ୍ରାପ୍ତ ହୋଇଥିଲା । ମା'ଙ୍କ ନିତ୍ୟ ଭୋଗ ବ୍ୟବସ୍ଥା ବର୍ଷ ବର୍ଷ ଧରି ନିୟମିତ ସମୟରେ ଅନୁଷ୍ଠିତ ହେଉଛି । ରାଜା ଜଗନ୍ନାଥ ହରିଚନ୍ଦନ ମନ୍ଦିରର ପରିଚାଳନା ଓ ଭୋଗରାଗ ପାଇଁ ଯେଉଁ ବ୍ୟବସ୍ଥା କରିଥିଲେ ତଦନୁଯାୟୀ ଅବ୍ୟାବଧି ଭୋଗ ହେଉଅଛି । ପ୍ରଭାତରେ ମହାପ୍ରସାଦ, ଦିନ ୯ଟାରେ ଡାଲି, ଖେଚୁଡ଼ି, ମଧ୍ୟାହ୍ନରେ କ୍ଷୀରୀ ଖେଚଡ଼ି, ଆମିଷ ତରକାରି, ଭଜା, ଏଣ୍ଡୁରି ପିଠା, ଅପରାହ୍ନରେ ମାଠପୁଳି, ସନ୍ଧ୍ୟାରେ ଖଜା ସରପୁଳି, ଖେଇ, ରାତିରେ ଖେଚଡ଼ି, ମାଛ ଭଜା, ଡାଲି, ତରକାରି, କାନ୍ତି କାକରା, ଦେଉଳ ବନ୍ଦ ବେଳେ କାନ୍ତି ଓ ପଣା ଭୋଗ ପ୍ରତ୍ୟେହ କରାଯାଇଥାଏ । ମା'ଙ୍କ ପର୍ବପର୍ବାଣି ଗୁଡ଼ିକ ହେଉଛି ଜଗନ୍ନାଥ ମନ୍ଦିରରେ ବାର ମାସରେ ତେର ପର୍ବ ହେଲା ଭଳି ଭଗବତୀଙ୍କର ମଧ୍ୟ ନାନା ଉତ୍ସବ, ପର୍ବପର୍ବାଣି, ଯାନିଯାତ୍ରା ବର୍ଷସାରା ଚାଲିଥାଏ । ସେଗୁଡ଼ିକ ହେଲା - ଚନ୍ଦନଯାତ୍ରା, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ, ଚିତାଲାଗି ଅମାବାସ୍ୟା, ଗହ୍ମାପୂର୍ଣ୍ଣିମା, ରେଖା ପଂଚମୀ, ଜନ୍ମାଷ୍ଟମୀ, ମୀନମରା, ସପ୍ତପୁରୀ, ବିନାୟକ ଚତୁର୍ଥୀ, ଷଷ୍ଠୀବସା, ଶ୍ରୀ ଶ୍ରୀ ଦୁର୍ଗାଶୟନାଷ୍ଟମୀ, ସୁନିଆ, ଶ୍ରୀଦୁର୍ଗା ପାର୍ଶ୍ୱପରିବର୍ତ୍ତନ, ଶ୍ରୀ ଦୁର୍ଗା ଉତଥାପନ, ସହସ୍ରକୁମ୍ଭାଭିଷେକ, ମଙ୍ଗଳାରୋପଣ, ମହାଷ୍ଟମୀ, ମହାନବମୀ, ଦଶହରା, ଦୁର୍ଗୋତ୍ସବ ଆଦି ଷୋହଳ ଦିନ ପର୍ବ, କୁମାର ପୂର୍ଣ୍ଣିମା, ନବାନ୍ନ, ଦୀପାବଳୀ ଅମାବାସ୍ୟା, ପ୍ରଥମାଷ୍ଟମୀ, ଓଢ଼ଣଷଷ୍ଠୀ, ବକୁଳ ଅମାବାସ୍ୟା, ଧନୁ ସଂକ୍ରାନ୍ତି, ପୁଷ୍ୟାଭିଷେକ, ମକର ସଂକ୍ରାନ୍ତି, ବସନ୍ତ ପଂଚମୀ, ଶିବରାତ୍ରି ଚାଚେରି, ଦୋଳ ପୂର୍ଣ୍ଣିମା, ଦହିଯାତ୍ରା, ପଂଚୁଦୋଳ ଓ ଅଶୋକାଷ୍ଟମୀ ।ଏହି ଦେବୀପୀଠରେ ଛତିଶା ନିଯୋଗ ସେବା ପାଇଁ ରହିଛନ୍ତି । ଭଗବତୀ ମନ୍ଦିରରେ ଯେଉଁ ୩୬ ପ୍ରକାର ସେବାୟତ ଅଛନ୍ତି, ସେହି ବ୍ୟବସ୍ଥାକୁ ଛତିଶା ନିଯୋଗ କୁହାଯାଏ । ସେମାନେ ହେଲେ - ପରିଛା, ପୁରୋହିତ, ପୂଜକ, ମିଠା କାରିଗର, ସୁଆର, ମାର୍ଜିସେବକ, ଦଣ୍ଡସେଣା, ଗ୍ରହବିପ୍ର, ପଲେଇ, ଘଂଟୁଆ, କାହାଳିଆ, ଶ୍ରୀ ମହାପ୍ରସାଦ ଖଟଣିଆ, ବିଡ଼ିଆ, ମଶାଲଚି, କାଠିନାୟକ, ବଳି ଯେନା, ପ୍ରହାରକ (ଛେଦକାର), ଲୁଗା ସେବାୟତ, ଚୌକି ପାଇକ, ପାଇକ, ଦେଉଳ ମାହାର, ବାଦ୍ୟକାରୀ, ମହୁରିଆ, ପତ୍ରୀ, ଗୋପାଳକ, ପଶୁଖୁଂଟାଳି, ସମର୍ଥା, ଗହଣସେବକ, ବିମାନବାହକ, କୁମ୍ଭକାର, କରଣ, ମହରଣା, ଭଣ୍ଡାର ମେକପ, ଟହଲ ବା ବ୍ୟବହାରୀ, ଛତିଧରା, ଆଜ୍ଞାମାଳ, ତନ୍ତୁବାୟ ବେହେରା ମା'ଭଗବତୀଙ୍କ ମନ୍ଦିରଟି ଅତିବ ଆକର୍ଷଣୀୟ ଜଗମୋହନ ମଣ୍ଡପ ସମ୍ମୁଖରେ ରହିଥିବାବେଳେ ନାଟ ମନ୍ଦିର ରହିଛି ଯେଉଁଥିରେ ଶ୍ରୀ ବିରାଜାଇ ଠାକୁରାଣୀଙ୍କ ବିଜେ ପ୍ରତିମା ପୂଜିତ ହେଉଛନ୍ତି । ସେହିପରି ମୁଖ୍ୟ ମନ୍ଦିରରେ ଅଷ୍ଟଭୁଜା ମା'ଭଗବତୀ ଦେବୀ ପୂଜା ପାଉଛନ୍ତି । ମନ୍ଦିରର ପାର୍ଶ୍ୱ ଦେବତା ଭାବେ ଉତରରେ ଶ୍ରୀ ଭୁବନେଶ୍ୱରୀ, ପୂର୍ବରେ ଶ୍ରୀ ଦୁର୍ଗା ଓ ଦକ୍ଷିଣରେ ଶ୍ରୀ ଗଣେଷ ରହିଛନ୍ତି । ଶାରଦୀୟ ଦୁର୍ଗାପୂଜା ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭକ୍ତଜନଙ୍କ ଆଗମନ ହୋଇଥାଏ । ମା'ଭଗବତୀଙ୍କ ଦର୍ଶନ ନିମିତ ବିଭିନ୍ନ ମାନସିକଧାରୀ ମାନେ ଏଠାରେ ବ୍ରତ ସଂକଳ୍ପ ରଖିଥାନ୍ତି । ମା'ଙ୍କ କୃପା ସମସ୍ତଙ୍କୁ ପ୍ରାପ୍ତ ହେଉ ଏହା ହିଁ କାମନା ।

*ଆଇନଜୀବୀ, ବଙ୍ଗାଳିସାହି, କଟକ*

# 'ଏକ ପେଡ଼୍ ମା' କେ ନାମ୍'


ହୃଷିକେଶ ପ୍ରଧାନ

ଆଜି ଆମେ ବିଶାଳ ଓ ବିସ୍ତୃତ ଭାବରେ ସାମଗ୍ରୀକ ସବୁ କ୍ଷେତ୍ରକୁ ଦେଖିଲେ ଅନୁଭବ କରୁଛୁ ଯେ ପରିବେଶର ଭାରସାମ୍ୟ ଅକ୍ଷୟ ହେଉଛି । ଦ୍ରୁତଗତିରେ କଂକ୍ରିଟର ଜଙ୍ଗଲ ବୃଦ୍ଧି ପାଉଥିବାବେଳେ ସେ ତୁଳନାରେ ବୃକ୍ଷ ରୋପଣ ହେଉନାହିଁ । ଭାରତର ପରି ବିଶ୍ୱର ଅଭିବୃଦ୍ଧି ସମ୍ପନ୍ନ ଓ ବିଶ୍ୱର ଅନ୍ୟତମ ମହାଶକ୍ତିର ମର୍ଯ୍ୟାଦା ପାଉଥିବା ରାଷ୍ଟ୍ର ଆଜି ମଧ୍ୟ ପରିବେଶଜନିତ ନାନା ଅଘଟଣକୁ ସାମ୍ନା କରୁଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବେଶକୁ କେବଳ ଭଲ ପାଆନ୍ତି ତାହାନୁହେଁ ଜୀବନ ପରିବେଶ ହେଉଛି ତାଙ୍କ ଜୀବନ ଚେତନାର ଅନ୍ୟତମ ଆଧାର ବୋଲି ଖୋଦ ମତବ୍ୟକ୍ତ କରିଛନ୍ତି । ଭାରତର କୃତୀ ସନ୍ତାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମ ଦିବସକୁ ଏକ ସେବାଭିମୁଖୀ କାର୍ଯ୍ୟକ୍ରମ ଭିତରେ ସ୍ମରଣୀୟ କରିବା ପାଇଁ ୭୫ ଲକ୍ଷ ବୃକ୍ଷରୋପଣ ନିମିତ୍ତ ଓଡ଼ିଶା ପ୍ରସ୍ତୁତ ହେଉଛି । ଆମ ଓଡ଼ିଶା ହେଉଛି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସ୍ୱପ୍ନର ପୂର୍ବ ଭାରତର ବିକାଶର ଦ୍ୱାର । ଓଡ଼ିଶା ଆଜି ଏକ ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବରେ ସାରା ଭାରତରେ ନିଜ ଦ୍ରୁତ ସମ୍ଭାବନା ଓ ଅଗ୍ରଗତିକୁ ପ୍ରତିପାଦିତ କରିପାରିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମ ଦିବସ ନିମିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଠାରୁ ଯୁବ ବର୍ଗ ମହିଳାଙ୍କ ଠାରୁ ବେସରକାରୀ ଅନୁଷ୍ଠାନ, ଜନ ପ୍ରତିନିଧିଙ୍କ ଠାରୁ ସମସ୍ତ ସାମିଲ ହେବା ପାଇଁ ସମସ୍ତଙ୍କ ଭିତରେ ଏକ ଅଭୂତପୂର୍ବ ଆଗ୍ରହ, ସଂକଳ୍ପ ଓ ଆବେଗ ଦେଖାଯାଉଛି । ସରକାରୀ ଭାବେ ସୂଚୀତ କରାଯାଇଛି କି ଯେ, ସମସ୍ତେ ଗଛ ଲଗାଇ ସେଲଫି ଉଠାଇ ମେରି ଲାଇଫ ପୋର୍ଟାଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଅପଲୋଡ଼ କରନ୍ତୁ । ଏଠାରେ ସୂଚୀତ କରାଯାଇପାରେ କି ଯେ, ବିକାଶ ସହିତ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତବର୍ଷରୁ 'ଏକ ପେଡ଼ ମା' କେ ନାମ୍' ଅଭିଯାନ ଆରମ୍ଭ କରିଛନ୍ତି । ଓଡ଼ିଶା ଏହି ବିଶାଳ କାର୍ଯ୍ୟକ୍ରମରେ ସାମିଲ ହୋଇ ଗତବର୍ଷ ଓଡ଼ିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ଦେଶରେ ଚତୁର୍ଥ ସ୍ଥାନରେ ରହିଥିଲା । ଚଳିତ ବର୍ଷ ଏହି ଅଭିଯାନରେ ଦ୍ୱିତୀୟ ସଂସ୍କରଣରେ ରାଜ୍ୟରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରହିଛି । ଇତିମଧ୍ୟରେ ୪.୬୫ କୋଟି ଗଛ ଲଗାଯାଇଛି । ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ପରିବେଶ ଅନୁକୂଳ, ସ୍ଥାନୀୟ ବୃକ୍ଷ, ଫଳ ଓ ଫୁଲ ଗଛ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ପରାମର୍ଶଟି ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । କାରଣ ଆମ ସ୍ଥାନୀୟ ଅଂଚଳ, ପରିବେଶ, ଭୌଗୋଳିକ ଅବସ୍ଥିତି, ଜୀବନ ଜୀବିକା ଓ ସାମଗ୍ରିକ ଭାବେ ବିଭିନ୍ନ ଦିଗକୁ ଲକ୍ଷ୍ୟ ରଖି ପରିବେଶକୁ ସବୁଜକରଣ ପାଇଁ ଆମ ସମସ୍ତଙ୍କ ଭିତରେ ଆଗ୍ରହ ରହିଲେ ସବୁଜ ଓଡ଼ିଶା ଭିତରେ ନୂଆ ସମ୍ଭାବନା, ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ସର୍ବୋପରି ଏକ ଶ୍ରେଷ୍ଠ ମାନର ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶ ସୃଷ୍ଟି ହୋଇପାରିବ । କୋଟି କୋଟି ଓଡ଼ିଶାବାସୀଙ୍କ ମୋଦିଜୀଙ୍କ ପ୍ରତି ଯେଉଁ ଅକୁଣ୍ଠ, ଭଲପାଇବା, ଶ୍ରଦ୍ଧା ଓ ସମ୍ମାନ ରହିଛି ଏହାର ଫଳସ୍ୱରୂପ ୭୫ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ପୂରଣ ହେବ । କେବଳ ସେତିକି ନୁହେଁ ଗଛ ଗୁଡ଼ିକ ଯେପରି ବଂଚି ରହିବ, ସେଥିପାଇଁ ଏହାର ନିୟମିତ ତଦାରଖ ଆବଶ୍ୟକ । ରାଜ୍ୟ ସରକାର ଏଥିପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ସେପ୍ଟେମ୍ବର ୧୭ ତାରିଖ ଦିନ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାରା ରୋପଣ କରାଯିବ । ଇଲେକସନ ମୋଡ୍‌ରେ କାର୍ଯ୍ୟକ୍ରମର ତଦାରଖ କରାଯିବ । ଏହି କାର୍ଯ୍ୟକ୍ରମ ପାଇଁ ଜଙ୍ଗଲ ବିଭାଗ ୧୫ ଲକ୍ଷ, ପଂଚାୟତିରାଜ ୩୪ ଲକ୍ଷ ଶିକ୍ଷା ୧୫ ଲକ୍ଷ, ସେଂଟ୍ରାଲ ଆର୍ମଡ଼ ପୁଲିସ ଫୋର୍ସେସ ୨.୨ ଲକ୍ଷ, ରାଜ୍ୟ ପୁଲିସ ୩ ଲକ୍ଷ, ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାମାନେ ୨ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରହିଛି । ତେଣୁ ଏହି କାର୍ଯ୍ୟକ୍ରମରେ ୭୫ ଲକ୍ଷରୁ ଯଥେଷ୍ଟ ଅଧିକ ଗଛ ଲାଗିବାର ସମ୍ଭାବନା ରହିଛି । ଏହି ବିଶାଳ ଲୋକପ୍ରିୟ ଓ ଅନ୍ୟ ମାନଙ୍କ ପାଇଁ ଶିକ୍ଷାଧର୍ମୀ କାର୍ଯ୍ୟକ୍ରମରେ ୨ଲକ୍ଷ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ, ୧୫ ଲକ୍ଷ ସ୍କୁଲ ଛାତ୍ରଛାତ୍ରୀ, ୭୬ ହଜାର ଅଙ୍ଗନବାଡ଼ି କର୍ମୀ, ୧୭ ହଜାର ଆଶା କର୍ମୀ, ୧୦ ହଜାର ଇକୋ କ୍ଲବ, ୧୭ ହଜାର ୫ଶହ ବନ ସଂରକ୍ଷଣ ସମିତି, ଏକ ଲକ୍ଷ ଏନଏସଏସ ସ୍ୱେଚ୍ଛାସେବୀ, ୧୬ ହଜାର ୫ଶହ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ସହିତ ହଜାର ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ, ସରକାରୀ ଉଦ୍ୟୋଗ, ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ ବେସରକାରୀ ସଂସ୍ଥାଙ୍କୁ ସାମିଲ ହେବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ମେରି ଲାଇଫ ପୋର୍ଟାଲରେ ରାଜ୍ୟର ଏକ ଦିବସୀୟ ଚାରା ରୋପଣ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବେ ସୃଜନିତ କରାଯାଇଛି । ଅଂଶଗ୍ରହଣକାରୀଙ୍କୁ ମେରି ଲାଇଫ ପୋର୍ଟାଲରେ ସାର୍ଟିଫିକେଟ ପ୍ରଦାନ କରାଯିବ । ବର୍ତ୍ତମାନ ସମୟରେ ପରିବେଶର ଅସନ୍ତୁଳନ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିବାବେଳେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜନ୍ମ ଦିନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟକ୍ରମ ଏକ ପେଡ଼ ମା' କେ ନାମ୍ କାର୍ଯ୍ୟକ୍ରମ ଦ୍ୱାରା ଏକ ସବୁଜ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦ୍ୱାରା ନିଜର ପ୍ରାଣର ବନ୍ଦନୀୟା ମାଆଙ୍କ ପ୍ରତି ଏକ ସ୍ୱତନ୍ତ୍ର ଭଲ ପାଇବାର ଅବବଦ୍ୟ ଶ୍ରଦ୍ଧା ଓ ଭଲ ପାଇବାର ସମର୍ପଣ ହୋଇପାରିବ । ଆସନ୍ତୁ ଏହିପରି ଏକ ଶିକ୍ଷାପ୍ରଦ ଓ ସମାଜ ପାଇଁ ସର୍ବୋପରି ଆମ ସମସ୍ତଙ୍କ ପାଇଁ ମଙ୍ଗଳ ଦାୟକ ସାବ୍ୟସ୍ତ ହେଉଥିବା କାର୍ଯ୍ୟକ୍ରମ ପ୍ରତି ସମସ୍ତଙ୍କ ଭାଗିଦାରିତା ନିର୍ବାହ କରିବା ।

ଥାଇଲୋ, ଅଲିକଂଟ, ବାଳିକୁଦା,
ଜଗତସିଂହପୁର-୭୫୪୧୦୮

# ପ୍ରାଣୀଙ୍କ ଠାରୁ ଡେଉଁଛି କି ରୋଗ ?:'ଜୁନୋଟିକ ଡିଜିଜେଜ୍'


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରାଣୀ ମାନଙ୍କ ଠାରୁ ରୋଗ ସଂକ୍ରମିତ ହୁଏ ଏହା ଅନେକ ହୁଏତ ଜାଣି ନଥାନ୍ତି । କିନ୍ତୁ ଏ ସବୁ ଭିତରେ ସଂପ୍ରତି ଏକ ହାଇକୋର୍ଟଙ୍କ ରାୟ ଏ ଦିଗ ପାଇଁ ସମସ୍ତଙ୍କ ଭିତରେ ଏକ ସଚେତନତା ସୃଷ୍ଟି କରିଛି । ନିକଟରେ ମୁମ୍ବାଇ ହାଇକୋର୍ଟର ନ୍ୟାୟମୂର୍ତ୍ତି ଜଷ୍ଟିସ ଜି.ଏସ.କୁଲକର୍ଣ୍ଣୀ ଓ ଜଷ୍ଟିସ ଆରିଫ୍‌ଙ୍କ ଖଣ୍ଡପୀଠ ଏକ ମାମଲା ସଂପର୍କରେ ସୂଚୀତ ହେବାପରେ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ ପାରା ମାନଙ୍କୁ ଦାନା ଦେବା ସାର୍ବଜନୀକ ଉପଦ୍ରବ ସୃଷ୍ଟି କରିଥାଏ । କାରଣ ଏହା ଜନ ସ୍ୱାସ୍ଥ୍ୟ ସହ ଜଡ଼ିତ ଏବଂ ସବୁ ବୟସର ଲୋକମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଏହା ବିପଦଜନକ । ଏଥିସହିତ ମାନ୍ୟବର ଖଣ୍ଡପୀଠ ପାରା ମାନଙ୍କୁ ଦାନା ଖୁଆଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବା ଲାଗି ମୁମ୍ବାଇ ନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ଏହା ଦର୍ଶାଇଛନ୍ତି ଯେ ପାରା ବା ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ବାହାର ସ୍ଥାନରେ ଖାଦ୍ୟ ଦେବା ଦ୍ୱାରା ଏହା ରୋଗ ବ୍ୟାପିପାରେ । ସର୍ବୋପରି ପାରାର ମଳ, ପର ଏବଂ ଶରୀରରୁ ବାହାରୁ ଥିବା ଧୂଳିକଣା ଆଦି ବା ପରଜୀବୀଙ୍କ ଜରିଆରେ ରୋଗ ମଣିଷଙ୍କୁ ସଂକ୍ରମିତ ହୋଇପାରେ । ଫଳରେ ମଣିଷ ଜୀବନ ବିପଦରେ ପଡ଼ିବାର ସମ୍ଭାବନା ରହିଛି ବୋଲି ଅଦାଲତ କହିବା ସହ କେହି ଏହି ନିର୍ଦ୍ଦେଶକୁ ଅବମାନନା କରି ପାରାଙ୍କୁ ଦାନା ଦେଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିପା ଭାଇରସ : ନିଭ ପାରାମିକ୍ସୋଭିରିଡ଼େ ଭୂତାଣୁ (ନିପା ଭାଇରସ) ସଂକ୍ରମଣ ଘାତକ ସାବ୍ୟସ୍ତ ହୋଇଛି । ଟେରୋପସ ଫ୍ରୁଟ ବ୍ୟାଟ ବାଦୁଡ଼ି ଓ ଘୁଷୁରିଙ୍କ ଦ୍ୱାରା ସଂକ୍ରମିତ ହେଉଥିବା ଏହି ରୋଗ ପ୍ରଥମେ ୧୯୯୮ ମସିହାରେ ମାଲେସିଆରେ ଚିହ୍ନଟ ହୋଇଥିଲା । ନିପା ଭାଇରସ ହେତୁ ଏନସେଫାଲାଇଟିସ ଓ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି ହୁଏ, ଯାହାଦ୍ୱାରା ମଣିଷର ମୃତ୍ୟୁ ବି ହୋଇଯାଏ । ୨୦୦୧ରୁ ୨୦୨୧ ମସିହା ଭିତରେ ପଶ୍ଚିମବଙ୍ଗ ଓ କେରଳରେ ଏହାର ପ୍ରାଦୁର୍ଭାବ ଦେଖାଯାଇଛି ଏବଂ ଅନେକେ ଏଥିରେ ପ୍ରାଣ ହରାଇଥିବାର ସୂଚନା ରହିଛି ।

ସ୍କ୍ରବ ଟାଇଫସ : ସ୍କ୍ରବ ଟାଇଫସ ପ୍ରାଣୀ ଶରୀରରେ ଥିବା ଭୂତାଣୁ ଓ ଜୀବାଣୁ ଦ୍ୱାରା ହୋଇଥାଏ । ଏହା ମଶା କିମ୍ବା ଟିଙ୍କ ଭଳି କ୍ଷୁଦ୍ର ଜୀବଙ୍କ ମାଧ୍ୟମରେ ମାନବ ଶରୀରକୁ ଆସିଥାଏ । ସାଧାରଣତଃ ଜ୍ୱର, କାଶ, ବାନ୍ତି, ମୁଣ୍ଡବିନ୍ଧା, ଶ୍ୱାସକ୍ରିୟାରେ କଷ୍ଟ ଏହି ରୋଗର ଲକ୍ଷଣ । ପ୍ରାୟ ଏକ ତୃତୀୟାଂଶ ପ୍ରଭାବିତ ହୃଦରୋଗ, ବୃକକ୍, ଫୁସଫୁସ ଓ ଯକୃତଜନିତ ରୋଗରେ ପୀଡ଼ିତ ହୋଇଥାନ୍ତି । ପ୍ରତିବର୍ଷ ବିଶ୍ୱବ୍ୟାପୀ ପ୍ରାୟ ୧୦ଲକ୍ଷ ଲୋକ ଏଥିରେ ମୃତ୍ୟୁବରଣ କରୁଛନ୍ତି । ୨୦୨୩ରେ ସାରା ଦେଶ ଏହାର ସମ୍ମୁଖୀନ ହୋଇଥିଲା । ହିମାଚଳ ପ୍ରଦେଶ ଓ ଓଡ଼ିଶା ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟ ମଧ୍ୟରେ ଥିଲେ ।

ଆନ୍ଥ୍ରାକ୍ସ : ପ୍ରାଣୀଙ୍କ ଶରୀରରେ ଥିବା ବାସିଲସ ଆନ୍ଥ୍ରାସିସ୍ ବ୍ୟାକଟେରିଆ ମଣିଷ ଦେହକୁ ଆସିଲେ ଆନ୍ଥ୍ରାକ୍ସ ହୋଇଥାଏ । ଅସୁସ୍ଥ ଗୃହପାଳିତ ପ୍ରାଣୀଙ୍କ ଚର୍ମ ସହିତ ମଣିଷର ଚର୍ମ ସଂସ୍ପର୍ଶରେ ଆସିଲେ ସଂକ୍ରମଣ ହୋଇଥାଏ । ଏହାଦ୍ୱାରା ଚର୍ମରେ ଘା' ଓ କେତେକ କ୍ଷେତ୍ରରେ ଝାଡ଼ା, ବାନ୍ତି ଓ ଜ୍ୱର ବି ହୋଇଥାଏ । ଭାରତୀୟ କୃଷି ଗବେଷଣା ପରିଷଦର ଏକ ପୂର୍ବାନୁମାନ ଅନୁସାରେ ୨୦୨୫ରେ ଭାରତର ୭୩୬ଜିଲ୍ଲାରେ ଆନ୍ଥ୍ରାକ୍ସ କବଳିତ ହେବାର ଆଶଙ୍କା ରହିଛି । ଓଡ଼ିଶାର କୋରାପୁଟ, ରାୟଗଡ଼ା, ମାଲକାନାଗିରି, ସୁନ୍ଦରଗଡ଼ ପରି ଜିଲ୍ଲା ଆନ୍ଥ୍ରାକ୍ସ ପ୍ରବଣ ବୋଲି ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଦେଇଛି ।

ମଙ୍କି ଫିଭର : ୧୯୫୭ ମସିହାରେ ମଙ୍କି ଫିଭର ସଂକ୍ରମଣ କର୍ଣ୍ଣାଟକର କାଇସାନୁର ଜଙ୍ଗଲରୁ ପ୍ରଥମେ ଚିହ୍ନଟ ହୋଇଥିଲା । ଏହି ରୋଗ କାଇସାନୁର ଫରେଷ୍ଟ ଡିଜିଜ ଭାବେ ଜଣାଶୁଣା । ମାଙ୍କଡ଼ ମାନଙ୍କ ଶରୀରରେ ଥିବା ଏକ ପ୍ରକାର ଟିଙ୍କ କାମୁଡ଼ିବା ଦ୍ୱାରା ଏହି ରୋଗ ଭୂତାଣୁ ମଣିଷକୁ ଆକ୍ରାନ୍ତ କରେ । ଏହି ଭୂତାଣୁ ଫ୍ଲାଭିଭିରଡ଼ା ଶ୍ରେଣୀର ଏବଂ ଗୋଟାଏ ଅସୁସ୍ଥ ମାଙ୍କଡ଼ ଦେହରେ ପ୍ରଥମେ ଚିହ୍ନଟ ହୋଇଥିଲା । ଭାରତରେ ପ୍ରତିବର୍ଷ ୪୦୦ରୁ ୫୦୦ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଥିବାବେଳେ ପ୍ରାୟ ୨୫ ଜଣଙ୍କର ମୃତ୍ୟୁ ହୋଇଥାଏ ବୋଲି ସୂଚନା ରହିଛି । ପ୍ରାଣୀଙ୍କ ଠାରୁ ସଂକ୍ରମିତ ରୋଗ ସମ୍ପର୍କରେ ଆଲୋଚନା କଲାବେଳେ ଆମେ ଭୟାବହ କରୋନା ମହାମାରୀ ପ୍ରସଙ୍ଗକୁ ଟିକେ ମନେ ପକାଇବା । ୨୦୧୯ରେ ଚୀନର ଉହାନ ସହରର ସି'ଫୁଡ଼ ମାର୍କେଟରେ ଯେଉଁ କୋଭିଡ଼ ଭୂତାଣୁର ପ୍ରଥମ ସଂକ୍ରମଣ ଚିହ୍ନଟ ହୋଇଥିଲା ତାହା ସମଗ୍ର ବିଶ୍ୱକୁ ଖେଳି ଯାଇଥିଲା । ବିଶ୍ୱ ବିଖ୍ୟାତ ପତ୍ରିକା 'ନେଚର'ର ସୂତ୍ର ଅନୁଯାୟୀ ଏହି କରୋନା ଭୂତାଣୁ ବାଦୁଡ଼ି ଠାରୁ କୌଣସି ମାଧ୍ୟମ ଦ୍ୱାରା ମଣିଷ ଶରୀରକୁ ଆସିଥିଲା । ତେବେ ପ୍ରାଣୀ ଶରୀରରେ ଥିବା ଜୀବାଣୁ କିମ୍ବା ଭୂତାଣୁ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ସଂକ୍ରମଣ ଶିକାର ହୋଇ ରୋଗଗ୍ରସ୍ତ ହେବା କିଛି ନୂଆ ନୁହେଁ । ମହାରାଷ୍ଟ୍ର ଓ ଗୁଜୁରାଟରେ ଭୟାବହ ପ୍ଲେଗ ମହାମାରୀ ମଧ୍ୟ ଏହି ରୋଗ ସଂକ୍ରମିତ କାରଣ ପାଇଁ ସଂଗଠିତ ହୋଇଥିଲା । ଆମ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ 'ଜୁନୋଟିକ୍ ଡିଜିଜେଜ୍' କୁହାଯାଇଥାଏ । ଏହା ଏକ ସ୍ୱାଭାବିକ କଥା କେବଳ ଓଡ଼ିଶାରେ ନୁହେଁ ସମାଜର ଚାରିଆଡ଼େ ପ୍ରାଣୀ ମାନଙ୍କ ସହ ପଶୁପକ୍ଷୀଙ୍କ ଏକ ପ୍ରକାର ଭାବଗତ, ସହାବସ୍ଥାନ ସମ୍ପର୍କ ରହିଛି । ତେଣୁ ସେମାନଙ୍କ ଠାରୁ ରୋଗ ସଂକ୍ରମିତ ହେବା କିଛି ଅସ୍ୱାଭାବିକତା ନୁହେଁ ।

ବର୍ତ୍ତମାନ ଦେଖାଯାଉଛି ବିଭିନ୍ନ ଜୁନୋଟିକ ଡିଜିଜର ସଂକ୍ରମଣ ବଢ଼ିଛି । ଭାରତରେ ସ୍କ୍ରବଟାଇଫସ ଠାରୁ ନିପା ସଂକ୍ରମଣ, ଆନ୍ଥ୍ରାକ୍ସ ଠାରୁ ଲାଇନ ଡିଜିଜ, କ୍ରୁଜଫେଲଡ଼ ଜାକୋବ ଡିଜିଜ ଠାରୁ ଫଙ୍ଗଲ ଡିଜିଜ ଯାହାକୁ ଜୋକ୍ସିଡିଓସିସ୍, ହିସଟୋପ୍ଲାଜମୋସିସ୍, ମେନିନଜାଇଟିସ୍ ଭଳି ରୋଗର ସଂକ୍ରମଣରେ ଆମ୍ଭେମାନେ ଶିକାର ହେଉଛୁ । ଏ କ୍ଷେତ୍ରରେ ସଂକ୍ରମିତ ଜଣଙ୍କ ପ୍ରାଥମିକ ପ୍ରଭାବ, ପ୍ରତିକ୍ରିୟା ଓ ଲକ୍ଷଣକୁ ଦେଖି ତୁରନ୍ତ ଚିକିତ୍ସା କରିବା ଜରୁରୀ । ତେବେ ଅନେକ ହୁଏତ ଜାଣିନାହାଁନ୍ତି ଏ ସବୁ ରୋଗ ବିଶେଷକରି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର ଓ ପେଟକୁ ସଂକ୍ରମିତ କରିଥାଏ । ଭୋକ ନହେବା, ଖାଦ୍ୟ ପ୍ରତି ଅରୁଚି, ଅସ୍ୱାଭାବିକ ବାନ୍ତି, ପେଟ ଟାଣିବା ପରି ବିଭିନ୍ନ ଲିଭର ସମ୍ବନ୍ଧୀୟ ଯନ୍ତ୍ରଣା ଓ ପରିପାର୍ଶ୍ୱିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଯେଉଁମାନେ ନିଶାଦ୍ରବ୍ୟ ସେବନ କରୁଥାନ୍ତି କିମ୍ବା ମଦ୍ୟପାନ କରୁଥାନ୍ତି ସେମାନେ ଏହି ଜୁନୋଟିକ ଡିଜିଜେଜର ସହଜ ଶିକାର ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ଜଣେ ଏକ୍ଷେତ୍ରରେ ସଂକ୍ରମିତ ହେବାପରେ ପ୍ରାଥମିକ ଭାବେ ଏହାକୁ ହାଲକା ଭାବେ ଗ୍ରହଣ କରିଥାନ୍ତି ଯାହାଦ୍ୱାରା ଚିକିତ୍ସା ପାଇଁ ଡାକ୍ତରୀ ପରାମର୍ଶ ନେଲାବେଳକୁ ଏହା ବହୁତ ବିଳମ୍ବ ହୋଇଯାଇଥାଏ । ତେଣୁ ଏ କ୍ଷେତ୍ରରେ ତୁରନ୍ତ ଲିଭର ବିଶେଷଜ୍ଞ ଓ ମେଡ଼ିସିନ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ । ବାହାର ଖାଦ୍ୟ ପ୍ରତି ଆଗ୍ରହ ନରଖିବା ଭଲ । ଘରୋଇ ଖାଦ୍ୟ, ସୁଷମ ଖାଦ୍ୟ, ନିରାମିଷ ଖାଦ୍ୟ ଓ ବିଶୁଦ୍ଧ ଫୁଟାପାଣି ଆପଣଙ୍କ ପାଇଁ ସବୁଠାରୁ ଭଲ । ଘରେ ବା ବାହାରେ କୌଣସି ପଶୁପକ୍ଷୀଙ୍କୁ ଖାଦ୍ୟ ଦେଉଥିଲେ ପ୍ରଥମତଃ ତାଙ୍କ ଖାଦ୍ୟ ଯେପରି ପରିଷ୍କାର ଓ ଖାଦ୍ୟଉପଯୋଗୀ ଏ ଦିଗକୁ ଅଣଦେଖା କରନ୍ତୁ ନାହିଁ । ସେମାନଙ୍କୁ ଖାଦ୍ୟ ଦେଉଥିବା ସ୍ଥାନ ମଧ୍ୟ ପରିଷ୍କାର ପରିଛନ୍ନ ହେବା ଜରୁରୀ । ସେମାନଙ୍କୁ ଖାଦ୍ୟ ଦେବା ପରେ ଆପଣ ଭଲ ଭାବେ ନିଜକୁ ସଫାସୁତୁରା ରଖନ୍ତୁ । ଆପଣ କୌଣସି କ୍ଷେତ୍ରରେ ଜୁନୋଟିକ୍ ଡିଜିଜର ସଂକ୍ରମିତ ହେଲେ ଏ ନେଇ ଭୟଭୀତ ନ ହୋଇ ସର୍ବପ୍ରଥମେ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । ଧୈର୍ଯ୍ୟହରା ହୁଅନ୍ତୁ ନାହିଁ ଏବଂ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ନିଜ ଇଷ୍ଟଙ୍କୁ ସ୍ମରଣ କରି ଚିକିତ୍ସା ଜାରି ରଖିଲେ ଜୁନୋଟିକ ଡିଜିଜ ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହେବନାହିଁ ।

ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ତିଆନଜିନ୍‌ର ସନ୍ଦେଶ (୧)

**ସୌମେନ୍ଦ୍ର ଜେନା**

ଚୀନର ତିଆନଜିନ ସହରରେ ସାଂଘାଇ ସହଯୋଗ ସଂଗଠନର ୨୫ତମ ଶିଖର ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୩୧-୧ ସେପ୍ଟେମ୍ବର୨୦୨୫ରେ ଅନୁଷ୍ଠିତ ଏହି ବୈଠକରେ ପହଲଗାମ ଘଟଣାର ନିନ୍ଦା କରାଯିବା ସହ ସ୍ୱାଙ୍ଗଡାଓ ଆଲୋଚନାର ବିଫଳତାକୁ ଦୂର କରାଯାଇଛି । ସ୍ୱାଙ୍ଗଡାଓରେ ପାକିସ୍ଥାନ ଉପରେ ମିଳିତ ଘୋଷଣାନାମାରେ ପହଲଗାମ ଘଟଣାକୁ ଉଲ୍ଲେଖ କରାନଯିବା କାରଣରୁ ଭାରତ ସେହି ଘୋଷଣାନାମାରୁ ଓହରି ଆସିଥିଲା । କିନ୍ତୁ ତିଆନଜିନ ଆଲୋଚନାକୁ ସଫଳ କରିବାକୁ ଚୀନ ପକ୍ଷରୁ ସମସ୍ତ ପ୍ରକାର ପ୍ରୟାସ କରାଯାଇଥିଲା । ଏହି ବୈଠକର ସଫଳତାକୁ ସାରାବିଶ୍ୱକୁ ଜଣାଇ ଚୀନ ନୂଆ ବିଶ୍ୱବ୍ୟବସ୍ଥାର ଗଠନରେ ସଂଗଠନର ସ୍ଥିତିକୁ ଦର୍ଶାଇବା ପାଇଁ ଚହିଁ ପାକିସ୍ଥାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପସ୍ଥିତି ସ□େ ମିଳିତ ଘୋଷଣାରେ ପହଲଗାମ ଘଟଣାର ନିନ୍ଦା ପ୍ରସ୍ତାବକୁ ସ୍ଥାନ ଦେବାକୁ ବାଧ୍ୟ ହୋଇଥିଲା । କୌଣସି ପ୍ରକାରେ ଭାରତ ଯେପରି ପଛକୁ ନଯାଏ ସେଥିପାଇଁ ଚୀନ ପକ୍ଷରୁ ସମସ୍ତ ପ୍ରକାର ପ୍ରୟାସ କରାଯାଇଥିଲା । ଆମେରିକାର ଶୁଳ୍କ ଯୁଦ୍ଧ, ଟ୍ରମ୍ପଙ୍କ ମୂର୍ଖତା ପୂର୍ଣ୍ଣ ମିଛବୟାନ, ଆମେରିକାର ସୁରକ୍ଷା ପରାମର୍ଶଦାତା ପିଟର ନୋଭାରୋଙ୍କ ଗାତ୍ରଦାହପୂର୍ଣ୍ଣ ତେଲ ବିକ୍ରିରୁ ବ୍ରାହ୍ମଣମାନେ ଲାଭ ପାଉଥିବା ବୟାନକୁ ଏହି ବୈଠକ ଚରମବା□ା ଶୁଣାଇଛି । ପାଶ୍ଚାତ୍ୟ ଜଗତର ଚୌଧୁରୀ ପଣିଆକୁ ଏହି ବୈଠକ ସିଧାସିଧା ଖାରଜ କରିଦେଇଛି । ବିଶ୍ୱ ଜନସଂଖ୍ୟାର ୬୦ ପ୍ରତିଶତ ସଂଖ୍ୟକ ଲୋକଙ୍କ ରାଷ୍ଟ୍ରଙ୍କର ଏହି ସଂଗଠନ କିପରି ବିଶ୍ୱରେ ଶାନ୍ତି, ସହଯୋଗ, ବାଣିଜ୍ୟ, ସୁରକ୍ଷା, ଜନବିକାଶକୁ ଗୁରୁତ୍ୱ ଦେଇଛି ତାହା ବିଶ୍ୱର ଗଣମାଧ୍ୟମଗୁଡିକରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି । ତିଆନଜିନ ସହରରେ ହେଉଥିବା ଏସ୍‌ସିଓ ବୈଠକ ପାଇଁ ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚୀନରେ ଲାଲ କାର୍ପେଟର ସ୍ୱାଗତ କରାଯାଇଥିଲା । ଭାରତୀୟ ନୃତ୍ୟ ଓ ସଂଗୀତରେ ସ୍ଥାନୀୟ କଳାକାରମାନେ ପ୍ରଧାନମନ୍ତ୍ରୀଙ୍କ ଆଗମନକୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଚୀନ ଗସ୍ତକୁ ସ୍ଥାନୀୟ ଲୋକମାନେ ଉତ୍ସାହର ସହ ସ୍ୱାଗତ କରିବା ଦେଖାଯାଇଥିଲା । ତେବେ ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ମୋଦି ନିଜ ଭାଷଣରେ କହିଥିଲେ ଯେ ସୁରକ୍ଷା, ଶାନ୍ତି ଓ ସ୍ଥିରତା କୌଣସି ଦେଶର ବିକାଶର ଭି□ଭୂମି ହୋଇଥାଏ । କିନ୍ତୁ ସନ୍ତ୍ରାସବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ଏହାର ମୁଖ୍ୟ ପ୍ରତିବନ୍ଧକ । ସନ୍ତ୍ରାସବାଦ କୌଣସି ରାଷ୍ଟ୍ରପାଇଁ ଖାଲି ସୁରକ୍ଷା ପାଇଁ ଆହ୍ୱାନ ନୁହେଁ , ସମଗ୍ର ମାନବସମାଜ ପାଇଁ ମଧ୍ୟ ଆହ୍ୱାନ । ସେଥିପାଇଁ ଆମେ କହିଛୁ ଯେ ସନ୍ତ୍ରାସବାଦ ମାମଲାରେ କୌଣସି ପ୍ରକାର ଦୋହରା ମାପଦଣ୍ଡକୁ ଗ୍ରହଣ କରାଯାଇପାରିବ ନାହିଁ । ସମସ୍ତ ପ୍ରକାର ସନ୍ତ୍ରାସବାଦକୁ ଆମକୁ ବିରୋଧ କରିବାକୁ ହେବ । ମାନବଜାତି ପାଇଁ ଏହା ଆମର କ□ବ୍ୟ । ଏହାଛଡା ଚୀନର ବେଲ୍ଟ ଏଣ୍ଡ୍ ରୋଡ ପ୍ରକଳ୍ପ ସଂପର୍କରେ ଶ୍ରୀ ମୋଦି ଚୀନର ଆଭିମୁଖ୍ୟକୁ ସମାଲୋଚନା କରି କହିଥିଲେ ଯେ ଯୋଗାଯୋଗ ସବୁବେଳେ ସାର୍ବଭୌମତ୍ୱ ଏବଂ ପରିସୀମାଗତ ଅଖଣ୍ଡତାକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଏହା ସାଂଘାଇ ସହଯୋଗ ସଂଗଠନର ମୂଳନୀତିରେ ଉଲ୍ଲେଖ ରହିଛି । ସାର୍ବଭୌମତ୍ୱକୁ ଏଡାଇଦେଇ ଯେଉଁ ଯୋଗାଯୋଗ ପାଇଁ ପ୍ରୟାସ କରାଯାଏ ତାହା ମୂଲ୍ୟ ଓ ବିଶ୍ୱାସ ହରାଇ ବସିଥାଏ ।

ଚୀନର ବେଲ୍ଟ ଏଣ୍ଡ୍ ରୋଡ ଏବଂ ଭାରତର ଯୋଗାଯୋଗ ନୀତିର ଫରକକୁ ଦର୍ଶାଇ ମୋଦି ପୁଣି କହିଥିଲେ ଯେ ଭାରତର ବିଚାରରେ ଯୋଗାଯୋଗ କେବଳ ବାଣିଜ୍ୟ ନୁହେଁ ବିଶ୍ୱାସ ଓ ବିକାଶକୁ ନିଶ୍ଚିତ କରିଥାଏ । ସେଥିପାଇଁ ଆମେ ଚବହର ଏବଂ ଆନ୍ତର୍ଜାତିକ ଉ□ର-ଦକ୍ଷିଣ ଆର୍ଥିକମାର୍ଗକୁ ନେଇ କାର୍ଯ୍ୟକରୁଛୁ, ଯାହା ଆଫଗାନିସ୍ଥାନ ଏବଂ କେନ୍ଦ୍ର ଏସିଆର ଯୋଗାଯୋଗକୁ ମଜଭୁତ କରିବ । ମିଳିତ ଘୋଷଣାନାମାରେ ଉଲ୍ଲେଖ କରାଯାଇଥିଲା “ସଦସ୍ୟ ରାଷ୍ଟ୍ରମାନେ ୨୨ ଏପ୍ରିଲ ୨୦୨୫ରେ ପହଲଗାମଠାରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି । ସେମାନେ ମୃତାହତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି”। ଆକ୍ରମଣର ଷଡଯନ୍ତ୍ରକାରୀ, ସହଯୋଗୀ ଏବଂ ଘଟଣାକୁ ସଂଗଠିତ କରିଥିବା ଲୋକମାନଙ୍କୁ ଉଚିତ ନ୍ୟାୟିକ ଦଣ୍ଡ ଦେବାଲାଗି ସେହି ମିଳିତ ଘୋଷଣାନାମାରେ ପ୍ରକାଶ କରାଯାଇଥିଲା ।

ଏହି ଶିଖର ବୈଠକ ପରେ ଭାରତ-ରୁଷିଆ ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ରୁଷିଆର ରାଷ୍ଟ୍ରପତି ପୁଟିନ ଗୋଟିଏ କାରରେ ବସି ଯାତ୍ରା କରିଥିଲେ । ମୋଦିଙ୍କୁ ସାଙ୍ଗରେ ନେବାପାଇଁ ପୁଟିନ ପ୍ରାୟ ୧୦ମିନିଟ୍ ଧରି କାର ଭିତରେ ଅପେକ୍ଷା କରିଥିଲେ । ଦୁଇନେତାଙ୍କ ମଧ୍ୟରେ ସିଧାସଳଖ କଥାବା□ା ଆଲୋଚନାସ୍ଥଳୀ ହୋଟେଲକୁ ଯିବା ବାଟରେ ହୋଇଥିଲା । ଏପରିକି ହୋଟେଲରେ ପହ□ିବା ପରେ ମଧ୍ୟ ଦୁଇନେତା ପ୍ରାୟ ୪୫ମିନିଟ୍ ଧରି କାର୍ ଭିତରେ ଆଲୋଚନା କରିଥିଲେ । ଆଲୋଚନାକୁ ଗୋପନ ରଖିବା ପାଇଁ ଏହି କୌଶଳକୁ ପୁଟିନ ଗ୍ରହଣ କରିଥିବା କଥା କୁହାଯାଉଛି । କାରଣ ଦୁଇନେତାଙ୍କ ମଧ୍ୟରେ ବାହାର ଆଲୋଚନା ଉପରେ ଚୀନର ନଜର ରହିଥିବା ହେତୁ ପୁଟିନ ନିଜ କାରକୁ ଏଥିପାଇଁ ସବୁଠୁ ଅଧିକ ସୁରକ୍ଷିତ ସ୍ଥାନ ବୋଲି ମନେ କରିଥିଲେ । ପୁଟିନଙ୍କ ଅରୁସ ଲିମୋସିନ ଗାଡିରେ ଦୁଇନେତାଙ୍କ ମଧ୍ୟରେ ବିଶ୍ୱର ବିବିଧ ସମସ୍ୟା ଏବଂ ଭାରତ-ରୁଷିଆର ଆଭିମୁଖ୍ୟ, ଚୀନ ଓ ଆମେରିକାର ରଣକୌଶଳ ବିଷୟରେ ଆଲୋଚନା ହୋଇଥିବା ସଂପର୍କରେ ରୁଷିଆର ରାଷ୍ଟ୍ରୀୟ ବେତାର ସଂସ୍ଥା ଭେଷ୍ଟିଏଫଏମ୍ ପ୍ରକାଶ କରିଛି । ପରେ କ୍ରେମଲିନ କ□ୃପକ୍ଷଙ୍କ ପ୍ରବକ୍ତା ଦିମିତ୍ରୀ ପେସ୍‌କୋଭ ଦୁଇନେତାଙ୍କ ମଧ୍ୟରେ ପ୍ରାୟ ଏକଘ□ାକାଳ ମୁହାଁମୁହିଁ ଆଲୋଚନା ହୋଇଥିବା କଥା ସ୍ୱୀକାର କରିଥିଲେ । ମସ୍କୋର ଗଣମାଧ୍ୟମର ଖବର ଅନୁଯାୟୀ ମୋଦି ଓ ପୁଟିନଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନା ଅତ୍ୟନ୍ତ ଗୋପନୀୟ ଢଙ୍ଗରେ ଅନ୍ୟମାନଙ୍କ ଦୃଷ୍ଟିକୁ ଏଡାଇବାକୁ ଚେଷ୍ଟା କରାଯାଇଥିଲା । ଏହି ଆଲୋଚନା ବେଳେ କେବଳ ଦୁଇନେତା ହିଁ ଉପସ୍ଥିତ ଥିଲେ ।

ଦ୍ୱିପାକ୍ଷିକ ଆଲୋଚନା ବେଳେ ରଣନୀତିକ ସଂପର୍କକୁ ସୁଦୃଢ କରାଯିବା ବିଷୟରେ ଅଧିକ କଥାବା□ା ହୋଇଥିଲା । ଏଥିରେ ଆର୍ଥିକ, ଶକ୍ତିକ୍ଷେତ୍ର, ମୁଦ୍ରା ବିନିମୟ ସଂପର୍କରେ ଅଧିକ ଆଲୋଚନା ହୋଇଥିଲା । ଆସନ୍ତା ଡିସେମ୍ବର ୨୦୨୫ରେ ଦୁଇ ଦେଶ ମଧ୍ୟରେ ୨୩ତମ ଦ୍ୱିପାକ୍ଷିକ ଆଲୋଚନା ଭାରତରେ ଅନୁଷ୍ଠିତ ହେବାକୁ ଥିବାରୁ ଭାରତର ୧୪୦ କୋଟି ଜନତା ଆଗ୍ରହରେ ପୁଟିନଙ୍କ ଆଗମନକୁ ଅପେକ୍ଷା କରିଥିବା କଥା ମୋଦି ପୁଟିନଙ୍କୁ ନିମନ୍ତ୍ରଣ ଦେବାବେଳେ କହିଥିଲେ ।

ଭାରତ-ଚୀନ ମଧ୍ୟରେ ସୀମାସମ୍ବନ୍ଧ ଖରାପ ହେବାଯୋଗୁ ମୋଦି ପ୍ରାୟ ୭ବର୍ଷ ଧରି ଚୀନ ଗସ୍ତରେ ଯାଇନଥିଲେ । କିନ୍ତୁ ଏହି ଗସ୍ତ ପରେ ଦୁଇ ରାଷ୍ଟ୍ର “ଶତ୍ରୁ ନୁହେଁ,ସହଯୋଗୀ” ଭୂମିକାରେ ରହିବାକୁ ସ୍ଥିର କରିଥିବା କଥା କୁହାଯାଉଛି । ଦୁଇ ଦେଶଙ୍କ ମଧ୍ୟରେ ସଂପର୍କ ତୃତୀୟ ଦେଶକୁ କେନ୍ଦ୍ରକରି ହେବା ଅନୁଚିତ ବୋଲି କୁହାଯାଇଛି । ଆଜିଯାଏଁ ଚୀନ ଭାରତକୁ ଆମେରିକାର ଚଷମା ପିନ୍ଧି ଦେଖିଆସୁଥିଲା । ଆମେରିକା ନିଜ ସ୍ୱାର୍ଥ ପାଇଁ ଭିନ୍ନ ଭିନ୍ନ ସମୟରେ ଭାରତକୁ ବ୍ୟବହାର କରିଆସୁଥିବାର ଅଭିଯୋଗ ଚୀନ କରୁଥିଲା । ସେମିତି ଭାରତ ମଧ୍ୟ ପାକ୍ ମାଧ୍ୟମରେ ଚୀନ ନିଜ ସ୍ୱାର୍ଥ ପୂ□ି ପାଇଁ ସଡକ ଯୋଗାଯୋଗ ପାକ୍ ଅଧିକୃତ କାଶ୍ମୀର ମଧ୍ୟ ଦେଇ ନିର୍ମାଣ କରିଥିବା ଅଭିଯୋଗ କରିଆସିଛି । ଅନେକ ସମୟରେ ଭାରତରେ ସନ୍ତ୍ରାସବାଦୀଙ୍କ ଠାରୁ ଚୀନା ନିର୍ମିତ ଅସ୍ତ୍ରଶସ୍ତ୍ର ଉ□ର ପୂର୍ବା□ଳଠାରୁ ଆରମ୍ଭକରି ପଞ୍ଜାବ ଏବଂ ଜାମୁ-କାଶ୍ମୀରରୁ ମିଳିଛି । ଭାରତକୁ ଅସ୍ଥିର କରି ରଖିବା, ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବା, ସନ୍ତ୍ରାସବାଦ ମାଧ୍ୟମରେ ପ୍ରଶାସନିକ କଳକୁ ଆଗକୁ ଯିବାକୁ ନଦେବା ଲାଗି ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ହେବ ଚୀନ ପ୍ରୟାସ କରିଆସିଛି । ମ୍ୟାନମାର, ବଙ୍ଗଳାଦେଶକୁ କେନ୍ଦ୍ରକରି ସଂଖ୍ୟାଧିକ ଛୋଟ ଛୋଟ ଗୋଷ୍ଠୀକୁ ସନ୍ତ୍ରାସବାଦପାଇଁ ଅସ୍ତ୍ରଶସ୍ତ୍ର ଓ ପ୍ରଶିକ୍ଷଣ ଦେଇ ଭାରତକୁ ପଠାଇ ଆସିଛି । ଯେଉଁଥିପାଇଁ ସ୍ୱାଧୀନତାର ୭୮ବର୍ଷ ପରେ ବି ଉ□ର ପୂର୍ବା□ଳର ରାଜ୍ୟଗୁଡିକୁ ରେଳଯୋଗାଯୋଗ ସମ୍ଭବପର ହୋଇପାରିନଥିଲା । ବିମାନ ଯୋଗାଯୋଗ ବ୍ୟବସ୍ଥା ଦୁର୍ବଳ ରହିଥିଲା । ଯଦି ପ୍ରକୃତରେ ହୃଦୟଙ୍ଗମ କରି ଚୀନ ଏଥିରୁ ନିବୃ□ ରହେ ତେବେ ଆଗାମୀ ଦିନରେ ଦୁଇରାଷ୍ଟ୍ର ମଧ୍ୟରେ ପ୍ରକୃତରେ ସଂପର୍କରେ ଉନ୍ନତି ହୋଇପାରେ ।

ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ସହ ସାକ୍ଷାତ ସମୟରେ ଦୁଇଦେଶ ମଧ୍ୟରେ ସହଯୋଗ ଉପରେ ୨୮୦ କୋଟି ଲୋକଙ୍କ ସ୍ୱାର୍ଥ ଜଡିତ ବୋଲି ଶ୍ରୀ ମୋଦି କହିଥିଲେ । ୧୦ମାସ ପୂର୍ବେ ରୁଷିଆର କାଜାନଠାରେ ଦୁଇନେତାଙ୍କ ମଧ୍ୟରେ ବ୍ରିକ୍ସ ଶିଖର ବୈଠକ ପରେ ଏହା ପ୍ରଥମ ସାକ୍ଷାତ । ୨୦୨୦ ଗଲୱାନ ସୀମା ସଂଘର୍ଷପରେ ଦୁଇଦେଶ ମଧ୍ୟରେ ଏହାଥିଲା ଖୋଲା ଆଲୋଚନା । ସୀମା ଉ□େଜନାକୁ ଦୂରକରିବା ପରେ ଏବେ ଶାନ୍ତି ଓ ସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ସୀମା ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ପ୍ରତିନିଧିଙ୍କ ମଧ୍ୟରେ ବୁଝାମଣା ହୋଇଛି । କୈଳାସ ମାନସରୋବର ଯାତ୍ରା ପୁନର୍ବାର ଆରମ୍ଭ କରାଯାଇଛି । ସୀମାନ୍ତ ଘାଟୀପଥରେ ବାଣିଜ୍ୟ ପାଇଁ ପ୍ରୟାସ ଚାଲିଛି । ସିଧାସଳଖ ବିମାନ ଚଳାଚଳ ଆରମ୍ଭ କରାଯିବାକୁ ସ୍ଥିର ହୋଇଛି ବୋଲି ଶ୍ରୀ ମୋଦି ପ୍ରକାଶ କରିଛନ୍ତି ।

*ଭାରତୀୟ ସାହିତ୍ୟ କେନ୍ଦ୍ର (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Wednesday September 17 ଭୁବନେଶ୍ୱର ବୁଧବାର, ୧୭, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଜିନ୍ଦଲ ଷ୍ଟେନଲେସ୍‌କୁ ଅଗ୍ନି ଓ ସୁରକ୍ଷାରେ CII ପ୍ରଥମ ରନର୍-ଅପ୍ ପୁରସ୍କାର

କଳିଙ୍ଗନଗର , (ପି,ଏନ୍) : ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ଯାଜପୁର ପ୍ଲାଣ୍ଟକୁ ଅଗ୍ନି ଓ ନିରାପତ୍ତା ରେ ୨୦୨୪–୨୫ ବର୍ଷ ପାଇଁ ୨୫୦୦ରୁ ଅଧିକ କର୍ମଚାରୀଥିବା ବୃହତ୍ ଉତ୍ପାଦନ ଶ୍ରେଣୀରେ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (CII) ପ୍ରଥମ ରନର୍-ଅପ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। କୋଲକାତାର ହୋଟେଲ୍ ITC ସୋନାରରେ ଚଳିତ ମାସ ୧୨ ତାରିଖରେ ଅନୁଷ୍ଠିତ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀରେ CII ପୂର୍ବାଞ୍ଚଳ ସୁରକ୍ଷା ଉପ-କମିଟିର ସହ-ଅଧ୍ୟକ୍ଷ ଏବଂ CESC ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜେନେରେସନ୍) ଶ୍ରୀଯୁକ୍ତ ସ୍ନେହାସିସ୍ ସମାଦ୍ଦର୍, ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଦୀପକ ଅଗ୍ରୱାଲଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ସଂଗଠନ ପରିବେଶ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଉତ୍କର୍ଷତାରେ ନିରନ୍ତର ନୂତନ ମାନଦଣ୍ଡ




ସ୍ଥାପନ କରିଆସୁଛି। ଏହି ସଫଳତା ବିଷୟରେ କହିବାକୁ ଗଲେ, ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଦୀପକ ଅଗ୍ରୱାଲ ମନ୍ତବ୍ୟ ଦେଇଛନ୍ତି: 'ସୁରକ୍ଷା କେବଳ ଏକ ଅଭ୍ୟାସ ନୁହେଁ ବରଂ ଜିନ୍ଦଲ ଷ୍ଟେନଲେସର ସଂସ୍କୃତିରେ ଏକ ମୂଲ୍ୟବୋଧ ରହିଛି। ଏହି ସ୍ୱୀକୃତି ଆମର କର୍ମଚାରୀଙ୍କ ପାଇଁ ଏକ ନିରାପଦ ଏବଂ ସ୍ଥାୟୀ ପରିବେଶ ସୃଷ୍ଟି କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ଏହାକୁ ସମ୍ଭବ କରିବା ପାଇଁ ସେମାନଙ୍କ ଉତ୍ସର୍ଗ ପାଇଁ ମୁଁ ଦଳକୁ ପ୍ରଶଂସା କରୁଛି'।

## ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ କାର୍ଯ୍ୟରତ ସାମ୍ବାଦିକ ପ୍ରକୋଷ୍ଠ ଉଦଘାଟିତ

ପାରାଦୀପ ,(ପି.ଏନ): ସେପ୍ଟେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ପାରାଦୀପ ର ଓଡିଶା ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ ସେପଟେମ୍ବର ୧୬ ତାରିଖ ମଙ୍ଗଳବାର ଦିନ ମୁଖ୍ୟ ପୂଜା ମହୋତ୍ସବ ସ୍ଥଳୀ ନିକଟସ୍ଥ ସିନେମା ହଲ ପାଖରେ ଏକ ସାମ୍ବାଦିକ ପ୍ରକୋଷ୍ଠ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଯୋଗଦେଇ ଏହି ପ୍ରକୋଷ୍ଠ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ର ଅଧ୍ୟକ୍ଷ ରତ୍ନାକର ସ୍ୱାଇଁ, ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ଭାରତୀ ଏବଂ ମୁଖ୍ୟ ପରାମର୍ଶଦାତା ଶୁକଦେବ ଜେନା,




ଆଇନ ପରାମର୍ଶଦାତା ରବିନ୍ଦ୍ର ଜେନା,ଟ୍ରଷ୍ଟି ପ୍ରଭାକର ସାହୁ,ରତ୍ନାକର ଜେନା, ସୁରେଶ ଚନ୍ଦ୍ର ସ୍ୱାଇଁ,ଦୀପକ ଦାସ, ସଂଘମିତ୍ରା ସ୍ୱାଇଁ,ମନୋଜ ଦାସ, ବିବେକାନନ୍ଦ ରାଉତ,ସଞ୍ଜୟ ରାଉତ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ବିରଜା ସେଠୀ, ଆଲୋକ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବଟକୃଷ୍ଣ ଦାସ, ଧ୍ରୁବ ଚରଣ ମହାପାତ୍ର, ଅରୁଣ ଓଝା, ହରିଶ୍ଚନ୍ଦ୍ର ଲେଙ୍କା,ସଞ୍ଜୀବ ମିଶ୍ର, କର୍ମେଶ୍ୱର ସ୍ୱାଇଁ, ନିରଞ୍ଜନ ଆଚାର୍ଯ୍ୟ, ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସୂଚନାଥାଉକି ଏହି ସାତଦିନ ବ୍ୟାପି ମହୋତ୍ସବ ର ଖବର ପ୍ରସାରଣର ସୁବିଧା ନିମନ୍ତେ ଏହି ସାମ୍ବାଦିକ ପ୍ରକୋଷ୍ଠ ଟି ପ୍ରତିବର୍ଷ ନିର୍ମାଣ କରାଯାଇଥାଏ । ଏତଦବ୍ୟତୀତ ମହୋତ୍ସବ ସମୟରେ ଆଗନ୍ତୁକ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଏହି ପ୍ରକୋଷ୍ଠରେ ଆଶ୍ରୟ ଦିଆଯାଇଥାଏ । ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିଜ ମାନଙ୍କ ଏପରି ଉଦ୍ୟମ ଓ ପ୍ରଚେଷ୍ଟା କୁ ମୁଖ୍ୟ ଅତିଥି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସମେତ ସମସ୍ତ ଅତିଥି ଉଚ୍ଚ ପ୍ରଶଂସା କରିଥିବା ବେଳେ ଏହା ଓଡ଼ିଶାରେ ବିରଳ ବୋଲି ଉଲ୍ଲେଖ କରିଥିଲେ ।

## ଜଗନ୍ନାଥ ଟ୍ରକ୍ ମାଲିକ ସଂଘରେ ବିବାଦ- କାର୍ଯ୍ୟାଳୟ ନିକଟରେ ୧୬୩ ଧାରା ଜାରୀ

ପାରାଦୀପ,(ପି.ଏନ): ପାରାଦୀପର ଦ୍ୱିତୀୟ ଟ୍ରକ୍ ମାଲିକ ସଂଘ ଜଗନ୍ନାଥ ଟ୍ରକ୍ ମାଲିକ ସଂଘରେ ବିବାଦ ମୁଣ୍ଡ ଟେକିଛି । ଯାହାକୁ ନେଇ ପ୍ରଶାସନ ପକ୍ଷରୁ ବିଏନଏସ୍ ଧାରା ୧୬୩ ଲାଗୁ କରାଯାଇଛି । ଘଟଣାରୁ ପ୍ରକାଶଯେ, ପାରାଦୀପର ଦ୍ୱିତୀୟ ବୃହ ମ ଟ୍ରକ୍ ମାଲିକ ସଂଘ ହେଉଛି ଜଗନ୍ନାଥ ଟ୍ରକ୍ ମାଲିକ ସଂଘ। ବିଶ୍ୱକର୍ମା ପୂଜା ନିମନ୍ତେ ରବିବାର ଦିନ ସାଧାରଣ ପରିଷଦ ବୈଠକ ହେବାର ଥିଲା। ହେଲେ କାହିଁକି କେଜାଣି ପ୍ରଶାସନ ପକ୍ଷରୁ ସେଠାରେ ୧୬୩ ଧାରା ଲାଗୁ କରାଗଲା ସେ ନେଇ ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ସଂଘର କିଛି କର୍ମକର୍ତାମାନେ ପ୍ରାୟ ୬୦୦ରୁ ୭୦୦ ଟ୍ରିପ୍ ଚାଲଣରେ ବ୍ୟାପକ ଅନିୟମିତତା କରିଥିବା ନେଇ ଅଭିଯୋଗ ଉଠିଛି । ସଂଘକୁ ପାରାଦୀପ ଏଡିଏମ୍, ତହସିଲଦାର ପ୍ରମୁଖ ହସ୍ତକ୍ଷେପ କରି ହିସାବ ମାଗିଥିଲେ । ଏଥିରେ ବ୍ୟାପକ ଅନିୟମିତତା ହୋଇଥିବାର ସୂଚନା ମିଳିଥିଲା। ବର୍ଷରେ ୩ଥର ସାଧାରଣ ପରିଷଦ ବୈଠକ ହେବା କଥା ମାତ୍ର ନିର୍ବାଚନର ୧୯ ମାସ ପରେ ମାତ୍ର ଗୋଟିଏ ସାଧାରଣ ପରିଷଦ ବୈଠକ ହୋଇଥିବା ନେଇ ବରିଷ୍ଠ ସଦସ୍ୟ ଗୌତମ କୁମାର ନାୟକ ଅଭିଯୋଗ କରିଛନ୍ତି । ଏହି ଅନିୟମିତତାରେ ସଂଘର କାର୍ଯ୍ୟକ । ୧୫ରୁ ୨୦ କୋଟି ଟଙ୍କା ହରିଲୁଟ୍ ହୋଇଥିବା ଶ୍ରୀ ନାୟକ ଅଭିଯୋଗ କରଛନ୍ତି। ନିଜକୁ ସୁରକ୍ଷିତ କରିବା ପାଇଁ ଅନିୟମିତତାରେ ସଂପୃକ୍ତ ଥିବା କର୍ମକର୍ତାମାନେ ୧୬୩ ଧାରା ଲାଗୁ କରିବା ପାଇଁ ଉଦ୍ୟମ କରିଥିଲେ। ପ୍ରଶାସନ ପାଖରେ ବ୍ୟାପକ ଅନିୟମିତତାର ପ୍ରମାଣ ରହିଛି ଏହାକୁ ଏଡାଇବା ପାଇଁ ସେମାନେ ଏହି କାର୍ଯ୍ୟ କରିଥିବା ନେଇ ଶ୍ରୀ ନାୟକ କହିଛନ୍ତି। ସଂଘର କାର୍ଯ୍ୟ ଠିକ୍ ଚାଲୁ ନଥିବା ନେଇ ସଦସ୍ୟମାନେ ଅଭିଯୋଗ କରି ଆସିଥିଲେ। ପ୍ରଥମ ଥର ପାଇଁ ଚଳିତ ବର୍ଷ ବିନା ସାଧାରଣ ପରିଷଦ ବୈଠକରେ ଚଳିତ ବର୍ଷ ବିଶ୍ୱକର୍ମା ପୂଜାର ଆୟୋଜନ କରାଯାଉଛି। ବିଭିନ୍ନ ସମୟରେ ସଦସ୍ୟମାନେ ସଂଘ ଆଗରେ ଧାରଣା ଦେବା, ଆତ୍ମାହୂତି ଉଦ୍ୟମ କରିବା ଘଟଣା ଘଟିଯାଇଛି । ସଂଘର କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଗତ ଏପ୍ରିଲ୍ ମାସରେ ସଦସ୍ୟମାନେ ଧାରଣା ଦେଇଥିଲେ ବୋଲି ଶ୍ରୀ ନାୟକ କହିଛନ୍ତି।

## କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରନ୍ତୁ : ଓଡିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଦାବି

କୋରାପୁଟ,(ପି.ଏନ): କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବାକୁ ଓଡିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ ପକ୍ଷରୁ ଦାବି ହୋଇଛି । କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ପ୍ରାଙ୍ଗଣରେ ସଂଗଠନର ସାଧାରଣ ପରିଷଦ ବୈଠକରେ ଓଡିଶାର ବିଭିନ୍ନ ସ୍ଥାନରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଉ, ସରକାରୀ ସ୍ୱୀକୃତି ପାଇଁ ଆବେଦନ କରିଥିବା ସମ୍ବାଦପତ୍ରଗୁଡିକୁ କୋହଳ ମନୋଭାବ ପ୍ରକାଶ କରି ସରକାରୀ ସ୍ୱୀକୃତି ପ୍ରଦାନ କରାଯାଉ, ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ, ଓଡିଶାରେ ସାମ୍ବାଦିକ ଓ ସମ୍ପାଦକମାନଙ୍କ ପାଇଁ ପେନସନ ଓ ସୁରକ୍ଷା ଆଇନ ପ୍ରଣୟନ କରାଯାଉ, ସମ୍ପାଦକମାନଙ୍କୁ ଟୋଲ ଗେଟମାନଙ୍କରେ ନିଃଶୁଳ୍କ ଯାତାୟାତର ବ୍ୟବସ୍ଥା କରାଯାଉ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡିଆ ସମ୍ବାଦପତ୍ରଗୁଡିକ ପ୍ରତି ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରାଯାଉ, ସାମ୍ବାଦିକ ଅଧିସ୍ୱୀକୃତି କମିଟିକୁ କାର୍ଯ୍ୟକ୍ଷମ କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କୁ




ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆସନ୍ତା ଦୁର୍ଗାପୂଜା ପରେ ଉପରୋକ୍ତ ଦାବିଗୁଡିକର ସମାଧାନ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ସମ୍ପାଦକ ଓ ପ୍ରକାଶକମାନେ ଏହି ସଂଗଠନକୁ ଏକ ରାଷ୍ଟ୍ରୀୟ ସଂଗଠନରେ ପରିଣତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏ ସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା । ସଂଗଠନର ଅଧ୍ୟକ୍ଷ ତଥା ନବୀନର ସମ୍ପାଦକ ରବି ରଥ ଓ ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ରଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସଂଗଠନର ରାଜ୍ୟ ସଭାପତି ବଂଶୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଯୋଗଦେଇ ଏହି ସଂଗଠନର ଇତିହାସ ଓ କାର୍ଯ୍ୟକଳାପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ପାଦକମାନଙ୍କ ଦାବି ଯୁକ୍ତିଯୁକ୍ତ ହୋଇଥିବାରୁ ଏ ସମ୍ପର୍କରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ଉଚିତ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ତାଙ୍କ ବକ୍ତବ୍ୟରେ ସମ୍ବାଦପତ୍ର ଗୁଡିକର ଅନୁମୋଦନ ପାଇଁ ଏକ ସ୍ୱଷ୍ଟ ନୀତି ପ୍ରଣୟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।ସାଧାରଣ ସମ୍ପାଦକ ଜ୍ୟୋତି ରଂଜନ ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ର, ସଂଗଠନ ସମ୍ପାଦକ ଜଗଦୀଶ ମିଶ୍ର, ଅକ୍ଷୟ କୁମାର ନାୟକ, ଉପସଭାପତି ଅକ୍ଷୟ କୁମାର ନାୟକ, ସହ ସମ୍ପାଦକ ସ୍ୱଦେଶ ଦାଶ ଓ ରମାକାନ୍ତ ପରିଜା ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣେଶ ଚନ୍ଦ୍ର ବିଷୋୟୀ, ପ୍ରକାଶ ଚନ୍ଦ୍ର ଖଟୋଇ, ତପନ କୁମାର ପତି, ଚିତ୍ତରଂଜନ ସ୍ୱାଇଁ, ଅନିଲ କୁମାର ସାହୁ, ସରୋଜ ରଂଜନ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ସଂଜୟ କୁମାର ଓଝା, ବିଷ୍ଣୁପ୍ରିୟା ସାହୁ, ସତ୍ୟ ନାରାୟଣ ନାୟକ, ବାବୁଲି ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ସମ୍ପାଦକମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୪୦ରୁ ଉର୍ଦ୍ଧ୍ୱ ସମ୍ପାଦକ, ପ୍ରକାଶକ ଯୋଗ ଦେଇଥିଲେ ।

## ପୁରୀ ବାଲିହରଚଣ୍ଡୀ ପର୍ଯ୍ୟଟନ ସ୍ଥଳରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମକୁ ନେଇ କଂଗ୍ରେସ ମିଡ଼ିଆ ସେଲ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର, (ପି.ଏନ): ଓଡିଶାରେ କ୍ରମବର୍ଦ୍ଧିଷ୍ଣୁ ଲଜ୍ୟାଜନକ ଦୁଷ୍କର୍ମ ଘଟଣା ଗୁଡିକରେ ଯୋଡିହୋଇଛି ପୁଣି ଏକ ଚାଞ୍ଚଲ୍ୟକର ଗଣଦୁଷ୍କର୍ମ । ପୁରୀ ବାଲିହରଚଣ୍ଡୀ ପର୍ଯ୍ୟଟନ ସ୍ଥଳରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ ନେଇ କଂଗ୍ରେସ ମିଡ଼ିଆ ସେଲ ପକ୍ଷରୁ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା ।ମୁଖପାତ୍ର ସୋନାଲି ସାହୁ ସିଧାସଳଖ ଉପମୁଖ୍ୟମନ୍ତ୍ରୀ ଏବଂ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଉପରେ ଦୋଷାରୋପ କରି କହିଛନ୍ତି ଯେ, ତାଙ୍କ ନିଜ ଜିଲ୍ଲା ପୁଣି ବାଲିହରଚଣ୍ଡି ଭଳି ଜନ ସମାଗମ ଲାଗି ରହିଥିବା ସ୍ଥାନରେ ମହିଳା ଆଜି ଅସୁରକ୍ଷିତ। ସରକାର ସୁରକ୍ଷା ଦେବାରେ ବିଫଳ ହୋଇଛି। ଦୁଷ୍କର୍ମର ମଣିପୁର ପାଲଟି ଯାଇଛି ଓଡିଶା, ସେପଟେ ଗୋଷ୍ଠୀଗତ ସମସ୍ୟାରେ ମଣିପୁର ଜଳୁଥିବାବେଳେ ଏପଟେ ନାରୀ ଦୁଷ୍କର୍ମରେ ଓଡିଶା ଜଳୁଛି। ବାଲିହରଚଣ୍ଡି ପର୍ଯ୍ୟଟନ ସ୍ଥଳୀରେ ଜଣେ ଛାତ୍ରୀଙ୍କୁ ଯୁବକ ବନ୍ଧୁଙ୍କୁ ବାନ୍ଧି ଛାତ୍ରୀଙ୍କୁ ଦିନ ଦ୍ୱିପହରରେ ଦୁଷ୍କର୍ମ କରାଗଲା। ଅବଶ୍ୟ ପୋଲିସ କମ ସମୟ ମଧ୍ୟରେ ଅପରାଧୀଙ୍କୁ ଧରିଛି, ଯେଉଁମାନେ ପୁଲିସକୁ ସହାୟତା କରିଛନ୍ତି ସେମାନଙ୍କୁ ଧନ୍ୟବାଦ। କିନ୍ତୁ ସେଇ ସମାନ ଜିଲ୍ଲାର ବଳଙ୍ଗାରେ ଦୁର୍ବୃତ୍ତମାନେ ନାବାଳିକାକୁ



ପୋଡିକି ମାରିଦେଲେ। କିନ୍ତୁ ପୋଲିସ ଅପରାଧୀଙ୍କୁ ଧରି ପାରିଲା ନାହିଁ । ବଲାଙ୍ଗୀରରେ ଖୋଦ ଜଣେ ବିଜେପି ଯୁବନେତା ଦୁଷ୍କର୍ମ କରିଛନ୍ତି ବୋଲି ପୀଡିତା ଅଭିଯୋଗ କରିଛନ୍ତି। ଶାସକ ଦଳର କର୍ମୀ କାହା ସାହସରେ ଏଭଳି ଦୁଷ୍କର୍ମ ଭଳି ଲଜ୍ୟାଜନକ କାର୍ଯ୍ୟ କରିବାକୁ ପଛାଇଲା ନାହିଁ, ଏହା ଅନୁସନ୍ଧାନର ବିଷୟ ।ଅନ୍ୟ ଏକ ଘଟଣାରେ ମହିଳା କନେଷ୍ଟବଳ ଶୁଭମିତ୍ରା ଦୀର୍ଘ ୧୧ ଦିନ ହେଲା ନିଖୋଜ ଅଛନ୍ତି। ଖୋଦ ପୋଲିସ ବିଭାଗର କର୍ମୀ ହୋଇ ମଧ୍ୟ ତାଙ୍କୁ ନ ପାଇବା ପୋଲିସର ପାରିବା ପଣିଆ ଜଣାପଡୁଛି। ତେବେ ଏହା ପଛରେ ସରକାରଙ୍କ କିଛି ଷଡଯନ୍ତ୍ର ନାହିଁ ତ ବୋଲି ପ୍ରଶ୍ନ ଉତ୍ଥାପନ କରିବା ସହ ଶୁଭମିତ୍ରାଙ୍କ ବାପା ସନ୍ଦେହ କରିଛନ୍ତି ଯେ, କମିଶନରେଟ ପୋଲିସ ଅଫିସର ଆକାଉଣ୍ଟସ ବିଭାଗରେ କାମ କରୁଥିବା ଜଣେ କର୍ମୀ ତାଙ୍କ ଝିଅଙ୍କ ନିଖୋଜ ପାଇଁ ଦାୟୀ। ଶୁଭମିତ୍ରା ଘଟଗାଁ ତାରିଣୀ ଯାଇଥିବା ମଧ୍ୟ ତାଙ୍କ ବାପା ପ୍ରକାଶ କରିଛନ୍ତି। ତେବେ ଏତେ ସବୁ ପ୍ରମାଣ ଥାଇ ସୁଦ୍ଧା ପୋଲିସ କାହିଁକି ନିଖୋଜ ଶୁଭମିତ୍ରାଙ୍କୁ ଖୋଜି ପାରୁନି। କଣ କିଛି ଲୁଚେଇବା ପାଇଁ ସରକାର ଷଡଯନ୍ତ୍ର କରୁନାହିଁ ତ ବୋଲି ଗଣମାଧ୍ୟମ ଆଗରେ ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି। ପୁଣି ସେ ଉପମୁଖ୍ୟମନ୍ତ୍ରୀ ପଭାତୀ ପରିଡ଼ାଙ୍କୁ ପ୍ରଶ୍ନ ପଚାରିଛନ୍ତି, ଆପଣଙ୍କ ହାପ ପ୍ୟାଣ୍ଟ ପିନ୍ଧା ଠେଙ୍ଗା ବାହିନୀ ଓ ଏକାମ୍ର ଥିବା ଠେଙ୍ଗା ବାହିନୀ ନାରୀ ଅସୁରକ୍ଷିତ ଥିବାବେଳେ କୁଆଡେ ଯାଇଛନ୍ତି ?ଅନ୍ୟତମ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ମାଆଙ୍କୁ ଅସମ୍ମାନ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ତତ୍ପର ହୋଇ ଆଖିରୁ ଲୁହ ଗଡେଇଲେ। ଆଉ ଦୁଇ ପାଦ ଆଗକୁ ଯାଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସଚିବାଳୟକୁ ଦଳୀୟ ଅଫିସ ଭଳି ବ୍ୟବହାର କରି ବିବୃତ୍ତି ଦେଲେ। କିନ୍ତୁ ସୌମ୍ୟାଶ୍ରୀ ଡାକ ଶୁଭିଲା ନାହିଁ, ବଳଙ୍ଗା ପୀଡିତାକୁ ନ୍ୟାୟ ମିଳିଲା ନାହିଁ କିମ୍ବା ରାଜ୍ୟର କୌଣସି ପୀଡ଼ିତାଙ୍କ କୋହ ବାଧିଲା ନାହିଁ ।ସରକାର ଗଠନ ପ୍ରଥମରୁ କହିଥିଲା ଆମେ ଫାଷ୍ଟ ଟ୍ରାକ କୋର୍ଟ ବୃଦ୍ଧି କରିବୁ, ମହିଳା ସୁରକ୍ଷା ବୃଦ୍ଧି ପାଇବ। କିନ୍ତୁ ଏସବୁ ଆଜିପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିଲା ନାହିଁ । ଓଡିଶା ଜନସାଧାରଣ ଏକ ନିକୃଷ୍ଟତମ ସରକାର ଶାସନରେ ଅଛନ୍ତି। କିପରି ଆମ ଜନତା ମାଆ ଭଉଣୀ ସୁରକ୍ଷିତ ଥିବେ ସହଜରେ ଅନୁମେୟ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ, ଡଃ ମନୀଷା ଦାସ ପଟ୍ଟନାୟକଙ୍କ ସହ ମୁଖପାତ୍ର ଅମ୍ରିତା ଦାସ ଉପସ୍ଥିତ ଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray